# ମୁକ୍ତାଙ୍ଗନ କୁକୁଡା ପାଳନ

## ଗ୍ରାମୀଣ ମହିଳାମାନଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା

ସୁନିଲ ଚନ୍ଦ୍ର ଗିରି*, ଲିପି ଦାସ, ସୁମନ୍ତ କୁମାର ମିଶ୍ର ଏବଂ ରାଜୀବ କୁମାର ବେହେରା



ମୁକ୍ତାଙ୍ଗନ କୁକୁଡା ପାଳନକୁ ଏକ ନିଶ୍ଚିତ ରୋଜଗାର, ସାମୟିକ କର୍ମନିଯୁକ୍ତି ଏବଂ ପରିବାର ପାଇଁ ସୁଷମ ଖାଦ୍ୟ ଯୋଗାଣର ମାଧ୍ୟମ ଭାବେ ଅତି ପୁରାତନ କାଳରୁ ବିବେଚନା କରାଯାଇଛି । ବିଶେଷକରି ଗ୍ରାମୀଣ ମହିଳାମାନଙ୍କ କ୍ଷେତ୍ରରେ ଏହା ନିଜକୁ ସ୍ୱାବଲମ୍ବନଶୀଳ ହେବା ପାଇଁ ଯଥେଷ୍ଟ ସହାୟକ ହୋଇଥିବା ସାଙ୍ଗକୁ ନିଜ ପିଲାମାନଙ୍କୁ ଆବଶ୍ୟକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଯୋଗାଇବାର ଏକ ସମୁଚିତ ପନ୍ଥା ବୋଲି ବିଚାର କରାଯାଏ । ତେଣୁ ସୁଚାରିକଳ୍ପିତ ଭାବେ "ମୁକ୍ତାଙ୍ଗନ କୁକୁଡା ପାଳନ" କୁ ଏକ ଛୋଟିଆ ବ୍ୟବସାୟ ହିସାବରେ ବିବେଚନା କରିବା ଏକାନ୍ତ ଆବଶ୍ୟକ ।

### ପ୍ରଣାଳୀ/ପଦ୍ଧତି

**ସାମୁହିକ ଟୀକା କରଣ :** ଗୋଟିଏ ଗାଁରେ କିଛି ଲୋକଙ୍କ ଦ୍ୱାରା "ମୁକ୍ତାଙ୍ଗନ କୁକୁଡା ପାଳନ କୁ ଆଦୃତ କରାଇବା ପାଇଁ ହେଲେ ପ୍ରଥମେ ସେହି ଗାଁରେ ବା ଅଞ୍ଚଳରେ ଥିବା ସମସ୍ତ ଦେଶୀ କୁକୁଡାମାନଙ୍କୁ ଘୁମାରୋଗ ନିରାକରଣ ଜନିତ ସମୂହ ଟୀକାକରଣ କରାଇବା ନିହାତି ଦରକାର । ଏହାଦ୍ୱାରା କୁକୁଡାମାନଙ୍କୁ ଘୁମାରୋଗ ଦାଉରୁ ରକ୍ଷା କରାଯିବା ସହିତ ଚାଷୀ ମନରେ ଥିବା ଅହେତୁକ ଆଶଙ୍କାକୁ ଦୂରେଇ ଦିଆଯାଇପାରିବ । ଏହି ପ୍ରତିଷେଧକ ଟୀକା (R2B Vaccine) ଦୁଇ ମାସରୁ ଉର୍ଦ୍ଧ୍ୱ କୁକୁଡାମାନଙ୍କୁ ପ୍ରାୟ ସଂଧ୍ୟା ସମୟରେ ଦିଆଯାଏ ।

**କୁକୁଡା ଘର :** ଛୋଟ ଛୁଆଠାରୁ ବଡ କୁକୁଡା ହେବା ପର୍ଯ୍ୟନ୍ତ, ଏମାନଙ୍କର ରହିବା ପାଇଁ ଏକ ସୁରକ୍ଷିତ ଘରଟିଏ ଆବଶ୍ୟକ ଥାଏ । କୁକୁଡା ପିଛା ୩-୪ ବର୍ଗଫୁଟ ହିସାବରେ ସ୍ଥାନଟିଏ ନେଇ ସେଥିରେ ୫-୬ ଫୁଟ ଉଚ୍ଚତା ବିଶିଷ୍ଟ କୁକୁଡା ଘରଟିଏ ଅଳ୍ପ ଖର୍ଚ୍ଚରେ ବନାଇବା ଦରକାର । ବାଉଁଶ, ମାଟି ତଥା ନଡା ଆଦି ବ୍ୟବହାର କରି ଘରଟିଏ ତିଆରି କଲେ ତାହା କୁକୁଡାମାନଙ୍କର ରହିବା ପାଇଁ ଏକ ସ୍ଥାୟୀ ବାସସ୍ଥାନ ମିଳିଥାଏ । ସ୍ୱାଭାବିକ ଭାବେ ବାୟୁ ଚଳାଚଳ କରିବା ପାଇଁ ଏହି ଘରମାନଙ୍କରେ ଅତିକମ୍‌ରେ ଦୁଇଟି ଝରକା ରହିବା ଦରକାର । ଝରକାକୁ ତାରଜାଲି ଦ୍ୱାରା ଆବଦ୍ଧ କରିପାରିଲେ ଘରଭିତରକୁ ସାପ, ବିଲେଇ ଆଦି ଶତ୍ରୁ ପଶିପାରିବ ନାହିଁ । ଏହା ବ୍ୟତୀତ ଚଟାଣରେ କିଛି ଚଷୁ ବା ଅଗାଡି ବିଛାଇ ଦେବା ଦରକାର । ଘର ଭିତରେ ଗୋଟିଏ ବିଜୁଳି ଆଲୁଅର ବ୍ୟବସ୍ଥା କଲେ ଖୁବ୍ ଭଲ ହୋଇପାରିବ ।

### ଆୟ-ବ୍ୟୟ ହିସାବ

ମୁକ୍ତାଙ୍ଗନ କୁକୁଡା ପାଳନରେ ଖର୍ଚ୍ଚ ବହୁତ କମ୍ କରିବାକୁ ପଡିଥାଏ । ମାତ୍ର ଏଥିରୁ ମିଳୁଥିବା ଲାଭ ବହୁତ ବେଶୀ ନ ହେଲେ ବି ଏହାର ବ୍ୟବହାରିକ ଦିଗ ସୁଦୂର ପ୍ରସାରୀ ଅଟେ । ୩୦ ଗୋଟି କୁକୁଡା ଛୁଆକୁ ନେଇ ଆରମ୍ଭ କରିଥିବା ଏଭଳି ୟୁନିଟ୍ ମାନଙ୍କର ଆୟ-ବ୍ୟୟ ବିବରଣୀକୁ ନେଲେ ଦେଖାଯାଏ :

| | | | |
|---|---|---|---|
| **ଖର୍ଚ୍ଚ:** | ୩୦ ଗୋଟି କୁକୁଡା ଛୁଆର ଦାମ୍ (ଟ.୨୦/- ପ୍ରତି) | : | ଟ. ୬୦୦.୦୦ |
| | ପ୍ରାଥମିକ ଦାନା (୭ କି.ଗ୍ରା. ଟ୩୨/- ପ୍ରତି କି.ଗ୍ରା.) | : | ଟ. ୨୨୪.୦୦ |
| | ଖାଦ୍ୟ ଓ ପାଣି ପାତ୍ର (ଗୋଟିଏ ଲେଖାଏଁ) | : | ଟ. ୨୭୦.୦୦ |
| | ଟୀକା, ଔଷଧ, କ୍ୟାଲସିୟମ ଇତ୍ୟାଦି (ଟ୧୫/- ପ୍ରତି) | : | ଟ. ୪୫୦.୦୦ |
| | **ମୋଟ ଖର୍ଚ୍ଚ =** | | **ଟ. ୧୫୪୪.୦୦** |
| **ଆୟ:** | (ମୃତ୍ୟୁହାର ୧୦ ପ୍ରତିଶତ ଏବଂ ମାଈ-ଅଣ୍ଡିରାର ଅନୁପାତ ସମାନ : ୧୩ଟି ମାଈ ଓ ୧୪ ଗୋଟି ଅଣ୍ଡିରା) | | |
| | ୧୪ ଗୋଟି ଅଣ୍ଡିରା କୁକୁଡାରୁ ଆୟ (ଟ ୫୦୦/- ପ୍ରତି) | : | ଟ. ୭,୦୦୦.୦୦ |
| | ୧୩ ଗୋଟି ମାଈ କୁକୁଡାରୁ ଅଣ୍ଡା ବର୍ଷକ ପର୍ଯ୍ୟନ୍ତ (୧୮୦ ଗୋଟି ଅଣ୍ଡା କୁକୁଡା ପ୍ରତି ଏବଂ ଟ.୮/- ଗୋଟା) ୨୩୪୦X ଟ. ୮.୦୦ | : | ଟ.୧୮, ୭୨୦.୦୦ |
| | ୧୦ ଗୋଟି ମାଈ କୁକୁଡାର ବିକ୍ରି ମୂଲ୍ୟ (ଶେଷରେ) (ଟ. ୨୦୦/- ପ୍ରତି) | : | ଟ. ୨,୦୦୦.୦୦ |
| | **ମୋଟ ଆୟ** | : | **ଟ.୨୭,୭୨୦.୦୦** |

**ଲାଭ = ଆୟ - ବ୍ୟୟ = ଟ. ୨୭,୭୨୦ - ଟ. ୧୫୪୪ = ଟ. ୨୬, ୧୭୬.୦୦**

**ଶେଷକଥା:** ମୁକ୍ତାଙ୍ଗନ କୁକୁଡା ପାଳନ ଗ୍ରାମୀଣ ମହିଳାମାନଙ୍କ ପାଇଁ ଏକ ସୁନ୍ଦର ପରିଯୋଜନା । ଏହା ସେମାନଙ୍କୁ ଆର୍ଥିକ ସ୍ୱତନ୍ତ୍ରତା କରାଇବା ବ୍ୟତୀତ, ପରିବାର ପାଇଁ ଏକ ସୁଷମ ପୋଷଣ ଦେବାରେ ଯଥେଷ୍ଟ ସହାୟକ ହୋଇଥାଏ । ସର୍ବୋପରି ଗାଁ ମାନଙ୍କରେ ଅଧିକରୁ ଅଧିକ ମୁକ୍ତାଙ୍ଗନ କୁକୁଡା ପାଳନ ହୋଇପାରିଲେ, ଆମ ଦେଶ ଅଣ୍ଡାର ଚାହିଦାକୁ ପୂରଣ କରି ପାରିବା ସହିତ ଖାଦ୍ୟର ମାନ ମଧ୍ୟ ବଢ଼ାଇପାରିବ ।

(* ପ୍ରଧାନ ବୈଜ୍ଞାନିକ, ଆଞ୍ଚଳିକ କେନ୍ଦ୍ର, କେନ୍ଦ୍ରୀୟ ପକ୍ଷୀ ଗବେଷଣା ଅନୁଷ୍ଠାନ, ଭୁବନେଶ୍ୱର)

**ମୁକ୍ତାଙ୍ଗନ କୁକୁଡା ପାଳନ**

Farmer FIRST
Enriching Knowledge - Integrating Technology

ଭାକୃଅନୁପ ICAR
ଏନ୍.ଆର୍.ଆର୍.ଆଇ. ଫାର୍ମର ଫାର୍ଷ୍ଟ କାର୍ଯ୍ୟକ୍ରମ (ଇଏପି-୨୨୮)
ବୈଷୟିକ ଇସ୍ତାହାର-୧୦, ମାର୍ଚ୍ଚ - ୨୦୧୮

© ସମସ୍ତ ସତ୍ତ୍ୱ ସଂରକ୍ଷିତ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬, ଓଡ଼ିଶା
(ଆଇ.ଏସ୍.ଓ ୯୦୦୧:୨୦୦୮ ପ୍ରମାଣିତ ଅନୁଷ୍ଠାନ)
ଦୂରଭାଷ : +୯୧-୬୭୧-୨୩୬୭୭୫୭; PABX : +୯୧-୬୭୧-୨୩୬୭୭୬୮-୭୮୩;
Fax: +୯୧-୬୭୧-୨୩୬୭୬୬୩; ଇମେଲ: director.nrri@icar.gov.in | directorcrricuttack@gmail.com

ଚିତ୍ରୋଭଳନ : ଭଗବାନ ବେହେରା ଓ ପ୍ରକାଶ କର
ଓଡ଼ିଆ ମୁଦ୍ରାଲେଖକ : ସୁଜାତା ମହାନ୍ତି
ପ୍ରକାଶକ : ନିର୍ଦ୍ଦେଶକ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬, ଓଡ଼ିଶା

**କୁକୁଡ଼ା ପ୍ରଜାତି :** ମୁକ୍ତାଙ୍ଗନ କୁକୁଡ଼ା ପାଳନକୁ ବ୍ୟବସାୟ ଭିତ୍ତିକ କରାଇବାପାଇଁ ହେଲେ, ଉନ୍ନତ କିସମର/ପ୍ରଜାତିର କୁକୁଡ଼ା ଛୁଆ ପାଳନ କରିବାକୁ ହେବ । ଆଜିକାଲି ବନରାଜା, ଗିରିରାଜା, କ୍ୟାରୀ-ଦେବେନ୍ଦ୍ର ତଥା ଗ୍ରାମପ୍ରିୟା ଆଦି ବିଭିନ୍ନ ପ୍ରଜାତିର କୁକୁଡ଼ା ଛୁଆ ବିଭିନ୍ନ ଗବେଷଣା ସଂସ୍ଥାମାନଙ୍କ ଦ୍ୱାରା ଉପଲବ୍ଧ କରାଯାଉଛି । ଏହି ପ୍ରଜାତିର କୁକୁଡ଼ାମାନେ ଦେଖିବାକୁ ରଙ୍ଗୀନ, ଶୀଘ୍ର ବଢ଼ିପାରନ୍ତି, ଅଧିକ ଓଜନିଆ ହୁଅନ୍ତି ତଥା ଦେଶୀକୁକୁଡା ମାନଙ୍କଠାରୁ ବେଶି ଅଣ୍ଡା ଦେବାର କ୍ଷମତା ରଖିଥାନ୍ତି । ତେଣୁ ଚାଷୀକୁ ଏହିସବୁ ପ୍ରଜାତିର କୁକୁଡ଼ାଛୁଆ (ଦିନିକିଆ) ଆଣି ତାହାର ଲାଳନପାଳନ କରିବା ଦରକାର । ବିଶେଷତଃ, ବନରାଜା ପ୍ରଜାତିର କୁକୁଡ଼ାମାନେ ମୁକ୍ତାଙ୍ଗନ କୁକୁଡା ପାଳନରେ ବହୁତ ଭଲ ଆୟ ଦେଇଥାନ୍ତି । ଏହି ଜାତିର କୁକୁଡ଼ା ୫ ମାସ ବେଳକୁ ୨-୨.୫ କି.ଗ୍ରା. ଓଜନ ହୋଇଥାନ୍ତି ଏବଂ ପ୍ରାୟ ୬ ମାସ ବେଳକୁ ଅଣ୍ଡା ଦେବା ଆରମ୍ଭ କରିଥାନ୍ତି । ଥରେ ଅଣ୍ଡା ଦେବା ଆରମ୍ଭ କଲେ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି (ବାର୍ଷିକ ୧୮୦-୨୨୦ ଗୋଟି) । ତେଣୁ ଏହି ପ୍ରଜାତିର କୁକୁଡ଼ାମାନଙ୍କୁ ମୁକ୍ତାଙ୍ଗନରେ ପାଳନ କଲେ ବିଶେଷ ଭାବେ ଲାଭଦାୟକ ହୋଇଥାଏ ।





## କୁକୁଡା ଛୁଆ "ବ୍ରୁଡିଂ " କରିବା

ସବୁବେଳେ ହ୍ୟାଚେରୀମାନଙ୍କରୁ ଦିନିକିଆ କୁକୁଡ଼ା ଛୁଆ ଆଣି ପାଳନ ଆରମ୍ଭ କରିବା ଉଚିତ । କାରଣ ଦିନିକିଆ ଛୁଆମାନଙ୍କୁ ୧୨ ଘଣ୍ଟା ପର୍ଯ୍ୟନ୍ତ ବିନା ଦାନା ଏବଂ ପାଣି ଦେଇ ଦୂର ସ୍ଥାନକୁ ସ୍ଥାନାନ୍ତରିତ କରାଯାଇପାରିବ । ପୁଣି ଦିନିକିଆ କୁକୁଡ଼ା ଛୁଆ ପ୍ରଥମରୁ ହିଁ ପରିବେଶ ସହିତ ଖାପଖୁଆଇ ଚଳିଲେ ପରବର୍ତ୍ତୀ ସମୟରେ ବିଶେଷ ଅସୁବିଧା ପରିଲକ୍ଷିତ ହୋଇନଥାଏ । ଦିନିକିଆ କୁକୁଡା ଛୁଆମାନଙ୍କୁ ଆବଶ୍ୟକୀୟ ଉତ୍ତାପ ଏବଂ ଆଲୋକ ଦେଇ ୧୫ ଦିନ ପର୍ଯ୍ୟନ୍ତ ପାଳନ କରିବାକୁ ବ୍ରୁଡିଂ କୁହାଯାଏ । ଚଟାଣରେ ଚଷୁ ବିଛାଇ, ୧୦୦ ୱାଟ ବଲ୍‌ବ ତଳେ ଦିନିକିଆ ଛୁଆମାନଙ୍କୁ ଛାଡିଲେ ସେମାନେ ବେଶ ଭଲଭାବେ ବଢ଼ନ୍ତି ଏବଂ ସୁସ୍ଥ ମଧ ରହନ୍ତି । ଉତ୍ତାପର ଆବଶ୍ୟକ ଅନୁସାରେ ଝୁଲୁଥିବା ବଲ୍‌ବ ଟିର ଉଚ୍ଚତା ନିର୍ଦ୍ଧାରଣ କରାଯାଏ । ସର୍ବପ୍ରଥମେ ସେମାନଙ୍କୁ ଚିନି ମିଶା ପାଣି ବା ଗ୍ଲୁକୋଜ ମିଶ୍ରିତ ପାଣି ପିଇବାକୁ ଦିଆଯାଏ । କିଛି ସମୟ ପରେ କୁକୁଡା ଛୁଆମାନଙ୍କ ପାଇଁ ବଜାରରେ ମିଳୁଥିବା ପ୍ରାରମ୍ଭିକ ଦାନା ଦିଆଯାଇଥାଏ । ପୁଣି ପରବର୍ତ୍ତୀ ସମୟରେ ପରିଷ୍କାର ତଥା ଯଥେଷ୍ଟ ପାଣି ନିର୍ଦ୍ଦିଷ୍ଟ ପାତ୍ରରେ ଦିଆଯାଇଥାଏ । ଏହାଦ୍ୱାରା କୁକୁଡା ଛୁଆମାନଙ୍କୁ ପ୍ରଥମ ପନ୍ଦର ଦିନ ପର୍ଯ୍ୟନ୍ତ ଏକ ଅନୁକୂଳ ବାତାବରଣ ମିଳିଥାଏ ଯାହା ସେମାନଙ୍କର ବଢ଼ିବାରେ ଯଥେଷ୍ଟ ସହାୟକ ହେବା ସାଙ୍ଗକୁ ପ୍ରାଥମିକ ମୃତ୍ୟୁହାର ମଧ ବହୁତ କମ୍ ହୋଇଥାଏ । ବ୍ରୁଡିଂ ସମୟରେ କୁକୁଡା ଛୁଆମାନଙ୍କୁ (୩-୬ ଦିନ ମଧରେ) ଲାସୋଟା (Lasota vaccine) ଟୀକାର ଦୁଇ ବୁନ୍ଦା ଆଖି ଏବଂ ନାକପୁଡାରେ ଦିଆଯାଏ । ଏହା ପ୍ରଥମ ତିନିମାସ ପର୍ଯ୍ୟନ୍ତ କୁକୁଡା ଛୁଆମାନଙ୍କୁ ଘୁମାରୋଗ (R.D) ଦାଉରୁ ରକ୍ଷା କରିଥାଏ ।

## ବ୍ରୁଡିଂ ପରବର୍ତ୍ତୀ ୪ ମାସ

କୁକୁଡା ଛୁଆମାନଙ୍କୁ ୧୫ ଦିନ ପରେ ଧୀରେ ଧୀରେ ଘର ଅଗଣାକୁ ଛାଡିବା ଦରକାର । ଏତିକିବେଳେ ସେମାନଙ୍କୁ ଶତ୍ରୁ ଯଥା : ବିଲେଇ, ଚିଲ, ସାପ ଆଦି କବଳରୁ ରକ୍ଷା କରିବାର ସମସ୍ତ ବନ୍ଦୋବସ୍ତ କରିବା ନିହାତି ଆବଶ୍ୟକ । ଏହି ସମୟରେ ଦିନ ବେଳେ ସେମାନଙ୍କୁ ବାହାରକୁ ଖାଦ୍ୟ ଖାଇବା ପାଇଁ ଛାଡିଲେ ସେମାନେ ପରିବେଶରୁ ପୋକ-ଜୋକ ତଥା ଅନ୍ୟାନ୍ୟ ଖାଦ୍ୟ ସଂଗ୍ରହ କରିବା ଶିଖିଥାନ୍ତି । ଧୀରେ ଧୀରେ କିଣା ଖାଦ୍ୟ ଦେବା ବନ୍ଦ କରିବା ଆବଶ୍ୟକ । ପୁଣି ଘରୁ ବାହାରୁଥିବା ଖୁଦ, ଋଉଳ, ପରିବା ଚୋପା, ଶାଗ ନାଡି ଏବଂ ମାଛ କାତି ଆଦି ସେମାନଙ୍କୁ ଦେବା ଦରକାର । ସାଧାରଣତଃ ୨୦-୨୫ ଟି କୁକୁଡା ବିଶିଷ୍ଟ ଏକ ୟୁନିଟ୍ ପାଇଁ ଆବଶ୍ୟକ କରୁଥିବା ଖାଦ୍ୟ ପ୍ରାୟ ଗୋଟିଏ ପରିବାରରୁ ବାହାରୁଥିବା ବଳକା ଖାଦ୍ୟ ସହିତ ସମାନ ଅଟେ । ଖାଦ୍ୟ ଓ ପାନୀୟ ଜଳର ସୁବ୍ୟବସ୍ଥା ଥିଲେ ଏହି କୁକୁଡ଼ାମାନେ କ୍ଷିପ୍ର ଗତିରେ ବଢ଼ିଚାଲନ୍ତି ଏବଂ ତିନିମାସ ବେଳକୁ ୧.୦ କି.ଗ୍ରା. ରୁ ଅଧିକ ହୋଇଥାନ୍ତି । ୪ ମାସ ବେଳକୁ କୁକୁଡା ପଲରେ ମାଇ ଓ ଅଣ୍ଡିରା କୁକୁଡା ଚିହ୍ନଟ କରିହୁଏ । ଅଣ୍ଡିରା କୁକୁଡାମାନେ ପ୍ରାୟତଃ ଅଧିକ ବଢ଼ିଥାନ୍ତି । ଏହି ସମୟରେ ସମସ୍ତ ଅଣ୍ଡିରା କୁକୁଡାଙ୍କୁ ମାଂସ ପାଇଁ ବିକ୍ରି କରିଦେବା ଉଚିତ କାରଣ ସଂଖ୍ୟା କମିଗଲେ ମାଇକୁକୁଡାଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ମିଳିବାରେ ଅସୁବିଧା ହୁଏ ନାହିଁ ଏବଂ ସେମାନେ ସଅଳ ଅଣ୍ଡା ଦେବା ଆରମ୍ଭ କରିଥାନ୍ତି । ଏଠାରେ ଜାଣିରଖିବା ଦରକାର ଯେ, ଅଣ୍ଡିରା କୁକୁଡ଼ାର ବିନା ଉପସ୍ଥିତିରେ ମାଇକୁକୁଡା ଅଣ୍ଡା ଦେଇଥାଏ । ଚାଷୀକୁ ଏଭଳି ପରାମର୍ଶ ଦେଲେ ତାହା ତାକୁ କିଛିଟା ଆୟ ମିଳିବାରେ ସହାୟକ ହୋଇଥାଏ । ବଜାରରେ ଏହିଭଳି ଅଣ୍ଡିରା କୁକୁଡ଼ା (୧.୫- ୨ କି.ଗ୍ରା.)ମାନଙ୍କର ଚାହିଦା ଯଥେଷ୍ଟ ଅଛି ଯାହା ଜଣେ ଚାଷୀର ଆର୍ଥିକ ପରିସ୍ଥିତି ତଥା ମନୋବଳ ବଢ଼ାଇବାରେ ଯଥେଷ୍ଟ ସହାୟକ ହୋଇଥାଏ ।

## ଅଣ୍ଡାଦିଆ କୁକୁଡାମାନଙ୍କ ପାଳନ




ଅଣ୍ଡିରା କୁକୁଡ଼ାମାନଙ୍କୁ ବିକ୍ରି କଲାପରେ, ପ୍ରତି ପଲରେ କେବଳ ମାଇକୁକୁଡ଼ା ରହନ୍ତି ଏବଂ ଏମାନଙ୍କର ସଂଖ୍ୟା ମଧ କମ୍‌ଥାଏ । ପ୍ରଥମେ (୪ ମାସରେ) ଏମାନଙ୍କୁ ଘୁମାରୋଗ ଟୀକା (R2B injection) ଦିଆଯାଇଥାଏ । ଆବଶ୍ୟକ ପଡିଲେ ଗୋଟିଏ ଥର କୃମି ଔଷଧ ଦିଆଯାଏ । ଏହା ପରେ ସେମାନଙ୍କୁ ଅଧିକ କ୍ୟାଲସିୟମ୍ ଯୁକ୍ତ କିଛି ପରିମାଣର ଖାଦ୍ୟ ଦେବା ଦରକାର । ଏହାଦ୍ୱାରା ଶୀଘ୍ର ଅଣ୍ଡାଦେବା ଆରମ୍ଭ ହୋଇଥାଏ । ଅଣ୍ଡାଦେବା ବୟସ ହୋଇଗଲେ ମାଇ କୁକୁଡ଼ା ମାନେ ଏକ ବିଶେଷ ପ୍ରକାର ଶବ୍ଦ କରନ୍ତି ଏବଂ ଦିନବେଳେ ଘର ଭିତରେ କିଛି ସମୟ ଚୁପ୍ ଚାପ୍ ବସିବାକୁ ପସନ୍ଦ କରନ୍ତି । ତେଣୁ ଏହି ସମୟରେ ସବୁ ମାଇ କୁକୁଡ଼ାଙ୍କୁ ଦ୍ୱିପହରରେ ୧-୨ ଘଣ୍ଟା ପର୍ଯ୍ୟନ୍ତ ଘର ଭିତରେ ବନ୍ଦ କରି ରଖିବା ଦରକାର । ଅନ୍ୟଥା ବୁଦାମଳେ କିମ୍ବା ଅନ୍ୟତ୍ର ଅଣ୍ଡା ଦେବାପାଇଁ ସେମାନେ ଚାଲିଯାଆନ୍ତି । ଏହା ବ୍ୟତୀତ ଅଣ୍ଡା ଦେବା ସମୟ ଆସିଲେ କୁକୁଡା ଘର ଚଟାଣରେ ନୂଆ ଚଷୁ ବିଛାଇବା ସାଙ୍ଗକୁ କିଛି ଚଉଡା ମୁହଁ ଥିବା ମାଟିହାଣ୍ଡିକୁ ଅଣେଇ/ତଳେଇ କରି ରଖିବା ଦରକାର । ଏହାଦ୍ୱାରା ନିୟମିତ ଅଣ୍ଡା ଦେବାରେ କୁକୁଡାମାନେ କିଛି ଅସୁବିଧା ସାମନା କରି ନ ଥାଆନ୍ତି । ଦିନବେଳା କୁକୁଡ଼ାମାନଙ୍କୁ ଘରେ ବଳୁଥିବା ଖାଦ୍ୟ ସହିତ ଯଥେଷ୍ଟ ପରିଷ୍କାର ପାଣି ଦେବାର ବନ୍ଦୋବସ୍ତ କରିବା ଉଚିତ । ଖାଦ୍ୟ, ପାନୀୟ ତଥା ପାରିପାର୍ଶ୍ୱିକ ଅବସ୍ଥା ଠିକ୍ ରହିଲେ ଏହି ପ୍ରଜାତିର କୁକୁଡାମାନେ ମାସକୁ ୧୮-୨୦ ଗୋଟି ଅଣ୍ଡା ଦେଇଥାନ୍ତି ଏବଂ ବର୍ଷେ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଅଣ୍ଡା ଦେଉଥାନ୍ତି ।

କୁକୁଡା ଘରୁ ବାହାରି ପଦାକୁ ଗଲାପରେ ଅଣ୍ଡାଗୁଡିକୁ ଗୋଟାଇ ଆଣି ଚଷୁଥିବା ଏକ ପାଛିଆରେ ରଖିବା ଦରକାର । ମନେ ରଖିବା ଉଚିତ୍ ଯେ, ସବୁବେଳେ ଅଣ୍ଡାର ଓସାରିଆ ମୁଣ୍ଡଟି ଉପରକୁ ରହିବ ଏବଂ ଅଣ୍ଡା ପାଛିଆକୁ ଥଣ୍ଡା ତଥା ଅନ୍ଧକାର ଜାଗାରେ ରଖିବା ଦରକାର । ଏହା ଦ୍ୱାରା ଅଣ୍ଡା ଶୀଘ୍ର ନଷ୍ଟ ହୁଏ ନାହିଁ ।